# ୧୬ରେ ଆସିବେ ମୋଦୀ

## ଭୁବନେଶ୍ୱର, ସମ୍ବଲପୁରରେ ରୋଡ୍ ଶୋ' ଓ ସଭା

**ଭୁବନେଶ୍ୱର, ୧୪ । ୪/ଏନ୍ଏନ୍ଏସ୍:**



ମିଶନ ୧୨୦କୁ ସଫଳ କରିବା ପାଇଁ ବିଜେପି ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରଖିଛି । ସେଥିପାଇଁ କେନ୍ଦ୍ରୀୟ ନେତାମାନେ ଘନଘନ ଓଡ଼ିଶା ଗସ୍ତରେ ଆସୁଛନ୍ତି । କଳାହାଣ୍ଡି ଓ ସୋନପୁର ପରେ ଆସନ୍ତା ୧୬ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ବଲପୁର, ଭୁବନେଶ୍ୱର ଗସ୍ତରେ ଆସୁଛନ୍ତି । ସକାଳେ ସମ୍ବଲପୁର ଗସ୍ତ ସାରି ଅପରାହ୍ନ ୪ଟାରେ ଭୁବନେଶ୍ୱରରେ ଏକ ବିଶାଳ ରୋଡ ଶୋ' ରେ ପ୍ରଧାନମନ୍ତ୍ରୀ ମୋଦୀ ଭାଗ ନେବେ । ରୋଡ ଶୋ' ବିମାନବନ୍ଦରରୁ ବାହାରି ଏୟାରପୋର୍ଟ ଛକ, ଗଙ୍ଗନଗର ଛକ, ଓୟୁଏଟି ଛକ ଏବଂ ଶିରିପୁର ଛକ ଦେଇ ସିଟି ଓମେନ୍ସ କଲେଜ ପାଖରେ ଥିବା ବାମ ପାର୍ଶ୍ୱ ବୁଲି ବରମୁଣ୍ଡା ଶିବମନ୍ଦିର ଦେଇ ବରମୁଣ୍ଡା ପଡିଆରେ ପହଞ୍ଚିବ । ରବିବାର ଏ ସମ୍ପର୍କରେ ବିଜେପି ରାଜ୍ୟ ଉପସଭାପତି ସମୀର ମହାନ୍ତି ସୂଚନା ଦେଇଛନ୍ତି । ଏହି ରୋଡ ଶୋ' ପରେ ବରମୁଣ୍ଡା ପଡ଼ିଆରେ ହେବାକୁ ଥିବା ବିଜୟ ସଂକଳ୍ପ ▶▶ ୭